ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR (OD)/CS-GA-1281-12/02/21**



# ମୁଖ୍ୟ ଶାସନ ସଚିବଙ୍କର ନନ୍ଦନକାନନକୁ କ୍ଷେତ୍ର ପରିଦର୍ଶନ

## ପର୍ଯ୍ୟଟକମାନଙ୍କ ପାଇଁ ଅଧିକ ସୁବିଧା ସୁଯୋଗ ଉପରେ ଗୁରୁତ୍ୱ

## ବହୁତଳ ପାର୍କିଂ, ଚୁଡଙ୍ଗଗଡ ଜଙ୍ଗଲ ବିକାଶ ଏବଂ 'ଟଏ-ଟ୍ରେନ୍'ପ୍ରକଳ୍ପ ପାଇଁ ସମୟସୀମା ଧାର୍ଯ୍ୟ

ଭୁବନେଶ୍ୱର, ୧୨/୨/୨୧

ଦେଶର ଏକ ବୃହତ ପ୍ରାକୃତିକ ଚିଡିଆଖାନା ଭାବେ ପ୍ରସିଦ୍ଧି ଲାଭ କରିଥିବା ନନ୍ଦନକାନନରେ ପର୍ଯ୍ୟଟକ ମାନଙ୍କ ନିମନ୍ତେ ଅଧିକ ସୁବିଧା ସୁଯୋଗ ଉପଲବ୍ଧ ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁତ୍ୱ ଆରୋପ କରିଛନ୍ତି । ଇତି ମଧ୍ୟରେ ଶ୍ରୀ ମହାପାତ୍ର ନନ୍ଦନକାନନ ଏବଂ ଏହାର ପରିପାର୍ଶ୍ୱ କ୍ଷେତ୍ର ପରିଦର୍ଶନ ପୂର୍ବକ ସ୍ଥିତିର ସମୀକ୍ଷା କରିଛନ୍ତି ।

ନନ୍ଦନକାନନ ନିକଟରେ ପର୍ଯ୍ୟଟକ ମାନଙ୍କ ପାଇଁ ନିର୍ମାଣାଧିନ ବହୁତଳ ଗାଡି ପାର୍କିଂର ନିର୍ମାଣ କାର୍ଯ୍ୟ ତଦାରଖ କରି ୨ ମାସ ମଧ୍ୟରେ ଏହାର କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଏହି ସମୟ ମଧ୍ୟରେ ପାର୍କିଂର ପରିଚାଳନା ଓ ରକ୍ଷଣା ନିମନ୍ତେ ଟେଣ୍ଡର ପ୍ରକ୍ରିୟା ସାରିବାକୁ ମଧ୍ୟ ମୁଖ୍ୟ ଶାସନ ସଚିବ ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ପ୍ରାପ୍ତ ସୂଚନାରୁ ଜଣାପଡିଛି, ନନ୍ଦନକାନନଠାରେ ପାର୍କିଂ ଅସୁବିଧା ଦୂର କରିବା ନିମନ୍ତେ ବହୁତଳ ପାର୍କିଂ ନିର୍ମାଣ ଚାଲୁରହିଛି । ଏହା ରାଜ୍ୟର ସର୍ବବୃହତ ବହୁତଳ ପାର୍କିଂ । ଏଥିରେ ଏକ ସମୟରେ ପ୍ରାୟ ୧୫୦୦ ଚାରିଚକିଆ ଏବଂ ୬୦୦ ଦୁଇଚକିଆ ଯାନ ରହିପାରିବ । ନିର୍ମାଣ କାର୍ଯ୍ୟ ସହ ବିଦ୍ୟୁତ, ପାଣି ଏବଂ ଲିଫଟ୍ କାର୍ଯ୍ୟ ଶେଷ କରିବାକୁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ।

ଏହାଛଡା, ନନ୍ଦନକାନନ ସାମ୍ନା ଏବଂ ବସ୍‌ଷ୍ଟାଣ୍ଡ ର ପୁନଃବିକାଶ ପାଇଁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା ନିମନ୍ତେ ଶ୍ରୀ ମହାପାତ୍ର ପୂର୍ତ୍ତ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ଯେ ନନ୍ଦନକାନନକୁ ବାର୍ଷିକ ହାରାହାରି ୩୫ ଲକ୍ଷ ପର୍ଯ୍ୟଟକ ଆସୁଛନ୍ତି । ସେହି ଅନୁସାରେ ବସଷ୍ଟାଣ୍ଡ, ଆନୁସଙ୍ଗିକ ସୁବିଧା ଓ ଆଇନ୍ ଶୃଙ୍ଖଳା ବ୍ୟବସ୍ଥାକୁ ଅଧିକ ସଂଗଠିତ କରିବାକୁ ମୁଖ୍ୟ ଶାସନ ସଚିବ ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନନ୍ଦନକାନନରେ ପିଲାମାନଙ୍କ ପାଇଁ ଖେଳଣା–ରେଲ୍ ବ୍ୟବସ୍ଥାକୁ ଅଧିକ ଆକର୍ଷଣୀୟ କରାଯିବ । ଏହି କାର୍ଯ୍ୟ ମାର୍ଚ୍ଚ ଶେଷସୁଦ୍ଧା ପୂର୍ଣ୍ଣାଙ୍ଗ କରିବାକୁ ସ୍ଥିର କରାଯାଇଥିଲା ।

ଏହି ଗସ୍ତ ସମୟରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନନ୍ଦନକାନନକୁ ନୂଆଭାବେ ମିଳିଥିବା ପ୍ରାୟ ୮ ବର୍ଗ କି.ମି. ଚୁଡଙ୍ଗଗଡ ଜଙ୍ଗଲ ଅଂଚଳ ପରିଦର୍ଶନ କରିଥିଲେ । ଉକ୍ତ ଜଙ୍ଗଲକୁ ନନ୍ଦନକାନନର ଏକ ଅଂଶଭାବେ ବଣ୍ୟଜନ୍ତୁ ସଫାରୀଭାବେ ବିକଶିତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ଜଙ୍ଗଲ ଜମି ଓ ବଣ୍ୟଜନ୍ତୁ ମାନଙ୍କର ସୁରକ୍ଷା ନିମନ୍ତେ ଏହାର

ଚତୁଃପାର୍ଶ୍ୱରେ  ଜୁନ୍ ମାସ ଶେଷସୁଦ୍ଧା  ପାଚେରୀ ନିର୍ମାଣ ପାଇଁ  ମୁଖ୍ୟ ଶାସନ ସଚିବ  ପୂର୍ତ୍ତ ବିଭାଗଙ୍କୁ  ନିର୍ଦ୍ଦେଶ ଦେଇଥିଲେ ।  ଏକ ଜଙ୍ଗଲ ସଫାରୀ ଭଳି ଏହି ଅଂଚଳକୁ ବିକଶିତ କରିବା ନିମନ୍ତେ  ନିଷ୍ପତ୍ତି ହୋଇଥିଲା । ସେହିପରି ନନ୍ଦନକାନନର  ବୋଟାନିକାଲ୍ ଗାର୍ଡେନକୁ ସିଧାସଳଖ ଜୟଦେବ ବିହାର ନନ୍ଦନକାନନ ମୁଖ୍ୟ ରାସ୍ତା ସହ  ସଂଯୋଜିତ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ  ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ ।  ଏଥି ପାଇଁ  ପ୍ରାୟ ୫୦୦ ମିଟର  ରାସ୍ତା ଏବଂ ଝରଣା ନିମନ୍ତେ କଲଭର୍ଟ ଆଦି ନିର୍ମାଣ  ହେବ । ପୂର୍ତ୍ତ ବିଭାଗ  ଏଥି ନିମନ୍ତେ ତୁରନ୍ତ ଡି.ପି.ଆର ଓ ଖର୍ଚ୍ଚ ଆକଳନ ଆଦି କରିବା ପାଇଁ  ଶ୍ରୀ ମହାପାତ୍ର  ନିର୍ଦ୍ଦେଶ ଦେଇଥିଲେ ।

ଜଙ୍ଗଲ ଓ ପରିବେଶ ବିଭାଗ  ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ଃ ମୋନା ଶର୍ମା, ପ୍ରଧାନ ବନ୍ୟଜନ୍ତୁ  ସଂରକ୍ଷକ ତଥା  ନନ୍ଦନକାନନ ନିର୍ଦ୍ଦେଶକ  ଶ୍ରୀ ଶଶି ପଲ୍ଙ୍କ  ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ  ଏହି ଗସ୍ତ କାଳରେ  ଉପସ୍ଥିତଥିଲେ ।

ଉମାକାନ୍ତ ମହାପାତ୍ର,

ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ